# NATIONAL NEWS BULLETIN (ODIA)
## 27th August - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ପି.ଏମ୍. ସ୍ୱନିଧି ଯୋଜନାର ପୁନର୍ଗଠନକୁ ମଞ୍ଜୁରି ପ୍ରଦାନ କଲେ କେନ୍ଦ୍ର କ୍ୟାବିନେଟ ।

— ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଋଣ ପରିମାଣ ବୃଦ୍ଧି ।

- ଭାରତ ଶାନ୍ତିପାଇଁ ପ୍ରତିବଦ୍ଧ; କିନ୍ତୁ ଯେକୌଣସି ଆକ୍ରମଣ ଜବାବ ଦେବାପାଇଁ ପ୍ରସ୍ତୁତ; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

- ଜୈବ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପ୍ରାରମ୍ଭିକ ନିବେଶ ଦେଶକୁ ଲାଭାନ୍ୱିତ କରିବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ସୂଚନା ।

- ମାତା ବୈଷ୍ଣୋଦେବୀ ମନ୍ଦିର ଯାତ୍ରାପଥରେ ଭୂସ୍ଖଳନଜନିତ ପ୍ରାଣହାନିପାଇଁ ଶୋକ ପ୍ରକାଶ କଲେ ରାଷ୍ଟ୍ରପତି ।

— ମୃତାହତଙ୍କ ପାଇଁ ଅନୁକମ୍ପା ସହାୟତା ଘୋଷଣା କଲେ ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ।

ଏବଂ

- ଓଡ଼ିଶା ସମେତ ୭ଟି ରାଜ୍ୟରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ପାଣିପାଗ ବିଭଗର ପୂର୍ବାନୁମାନ ।

## କ୍ୟାବିନେଟ୍ - ପି.ଏମ୍. ସ୍ୱନିଧି

କେନ୍ଦ୍ର କ୍ୟାବିନେଟ୍ ଆଜି ପି.ଏମ୍. ସ୍ୱନିଧି ଯୋଜନାର ପୁନର୍ଗଠନକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଏଥିସହ କ୍ୟାବିନେଟ୍ ୨୦୩୦ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଋଣ ଅବଧିକୁ ବୃଦ୍ଧି କରିଛନ୍ତି । ପୂର୍ବରୁ ଏହା ୨୦୨୪ ମସିହା ଡିସେମ୍ବର ୩୧ ତାରିଖ ଥିଲା । ଏହି ଯୋଜନାପାଇଁ ମୋଟ୍ ବ୍ୟୟ ଅଟକଳ ୭ ହଜାର ୩୩୨ କୋଟି ଟଙ୍କା ରହିଛି । ପୁନର୍ଗଠିତ ଯୋଜନାର ପ୍ରମୁଖ ବୈଶିଷ୍ଟଗୁଡ଼ିକ ମଧ୍ୟରେ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଋଣ ପରିମାଣ ବୃଦ୍ଧି, ଦ୍ୱିତୀୟ ଋଣ ପରିଶୋଧ କରିଥିବା ହିତାଧିକାରୀଙ୍କପାଇଁ ୟୁ.ପି.ଆଇ. ସଂଲଗ୍ନ ରୁପେ କ୍ରେଡିଟ୍ କାର୍ଡ଼ର ବ୍ୟବସ୍ଥା ଏବଂ ଖୁଚୁରା ଓ ପାଇକାରୀ କାରବାରପାଇଁ ଡିଜିଟାଲ୍ କ୍ୟାସ୍‌ବ୍ୟାକ୍ ପ୍ରୋତ୍ସାହନ ଅନ୍ତର୍ଭୁକ୍ତ ।

ପ୍ରଥମ ପର୍ଯ୍ୟାୟ ଋଣକୁ ୧୦ ହଜାର ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଋଣକୁ ୨୦ ହଜାରରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ତେବେ ତୃତୀୟ ପର୍ଯ୍ୟାୟ ଋଣ ପରିମାଣ ପୂର୍ବଭଳି ୫୦ ହଜାର ଟଙ୍କାରେ ଅପରିବର୍ତ୍ତିତ ରହିଛି । ଏହି ପୁନର୍ଗଠିତ ଯୋଜନାରେ ୫୦ ଲକ୍ଷ ନୂତନ ହିତାଧିକାରୀଙ୍କ ସମେତ ୧ କୋଟି ୧୫ ଲକ୍ଷ ହିତାଧିକାରୀଙ୍କୁ ଲାଭ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି । କୋଭିଡ୍-୧୯ ମହାମାରୀ ସମୟରେ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇଥିବା ବୁଲାବିକାଳିମାନଙ୍କୁ ସହାୟତା କରିବାପାଇଁ ସରକାର ୨୦୨୦ ମସିହା ଜୁନ୍ ପହିଲାରେ ପି.ଏମ୍. ସ୍ୱନିଧି ଯୋଜନା ଆରମ୍ଭ କରିଥିଲେ । ଚଳିତ ବର୍ଷ ଜୁଲାଇ ମାସ ସୁଦ୍ଧା ୬୮ ଲକ୍ଷରୁ ଅଧିକ ବୁଲାବିକାଳିଙ୍କୁ ୧୩ ହଜାର ୭୯୭ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି ।

## କ୍ୟାବିନେଟ୍ - ସି.ଡବ୍ଲ୍ୟୁ.ଜି. ୨୦୩୦

କେନ୍ଦ୍ର କ୍ୟାବିନେଟ୍ ଆଜି ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀଣାଳୟର ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୩୦ ପାଇଁ ବିଡ୍ ଦାଖଲ ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି । ଏଥିସହ ସମ୍ପୃକ୍ତ ମନ୍ତ୍ରଣାଳୟ, ବିଭାଗ ଏବଂ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକ ଗ୍ୟାରେଣ୍ଟି ସହ ଆୟୋଜକ ଭାବେ ସହଯୋଗ ଚୁକ୍ତିନାମା -

ଏଚ୍.ସି.ଏ. ସ୍ୱାକ୍ଷର ଏବଂ ବିଡ୍ ଗୃହୀତ ହେଲେ ଗୁଜରାଟ ସରକାରଙ୍କୁ ଆବଶ୍ୟକ ଅନୁଦାନ ସହାୟତା ମଞ୍ଜୁରି ପ୍ରଦାନ କରିବାକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି । ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୭୨ଟି ଦେଶର ଖେଳାଳୀମାନେ ଅଂଶଗ୍ରହଣ କରିବେ । କ୍ରୀଡ଼ା ସମୟରେ ଭାରତ ଗସ୍ତରେ ଆସୁଥିବା ବହୁସଂଖ୍ୟକ କ୍ରୀଡ଼ାବିତ୍, ପ୍ରଶିକ୍ଷକ, ପର୍ଯ୍ୟଟକ, ଗଣମାଧ୍ୟମ ପ୍ରତିନିଧିଙ୍କ ଅନ୍ତର୍ଭୁକ୍ତି ସ୍ଥାନୀୟ ବ୍ୟବସାୟକୁ ଲାଭ ପହଞ୍ଚାଇବା ସହ ରାଜସ୍ୱ ବୃଦ୍ଧିକ୍ଷେତ୍ରରେ ସହାୟକ ହେବ । ଅହମ୍ମଦାବାଦ ଏକ ଆଦର୍ଶ ଆୟୋଜକ ସହର, ଯେଉଁଠାରେ ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମ୍ ରହିଛି । ପୂର୍ବରୁ ୨୦୨୩ ଆଇ.ସି.ସି. କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ସଫଳତାର ସହ ଆୟୋଜନ କରି ଭାରତ ତା'ର କ୍ଷମତା ପ୍ରଦର୍ଶନ କରିସାରିଛି । କ୍ରୀଡ଼ା ବ୍ୟତୀତ ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପର୍ଯ୍ୟଟନକୁ ବୃଦ୍ଧି କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଲକ୍ଷ ଲକ୍ଷ ଯୁବ କ୍ରୀଡ଼ାବିତ୍‌ମାନଙ୍କପାଇଁ ପ୍ରେରଣାଦାୟୀ ହେବ ।

## ରାଜନାଥ - ଡିଫେନ୍ସ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଭାରତ ଶାନ୍ତିପାଇଁ ପ୍ରତିବଦ୍ଧ; କିନ୍ତୁ ଯେକୌଣସି ଆକ୍ରମଣର ଜବାବ ଦେବାପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

ମଧ୍ୟପ୍ରଦେଶର ମହୁ'ଠାରେ ଆର୍ମି ୱାର୍ କଲେଜର 'ରଣସମ୍ବାଦ' ଶୀର୍ଷକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି, ସଂଘର୍ଷ ମଧ୍ୟରେ ମଧ୍ୟ ଆଲୋଚନା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଭାରତ କେବେ ଯୁଦ୍ଧ ଚାହୁଁ ନାହିଁ କିମ୍ବା ଆକ୍ରମଣ ଆରମ୍ଭ କରି ନାହିଁ । ଶ୍ରୀ ସିଂହ କହିଛନ୍ତି, ଯଦି କୌଣସି ଦେଶ ଚ୍ୟାଲେଞ୍ଜ୍ କରେ, ତେବେ ସମ୍ପୂର୍ଣ୍ଣ ଶକ୍ତି ସହ ଜବାବ ଦେବା ଜରୁରୀ ହୋଇପଡ଼େ । ଦେଶର ପ୍ରତିରକ୍ଷା କେବଳ ସୀମାରେ ମୁତୟନ ସୈନିକମାନଙ୍କଦ୍ୱାରା ନୁହେଁ; ବରଂ ନୂତନ ପ୍ରଯୁକ୍ତିବିଦ୍ୟା ବିକଶିତ କରୁଥିବା ବୈଜ୍ଞାନିକ, ଅସ୍ତ୍ରଶସ୍ତ୍ର ଉତ୍ପାଦନ କରୁଥିବା ଶିଳ୍ପପତି ଏବଂ ପରବର୍ତ୍ତୀ ପିଢ଼ିକୁ ଯୁଦ୍ଧପାଇଁ ପ୍ରସ୍ତୁତ କରୁଥିବା ଶିକ୍ଷକମାନଙ୍କଦ୍ୱାରା ମଧ୍ୟ ପରିଚାଳିତ ହୁଏ ବୋଲି ଶ୍ରୀ ସିଂହ କହିଛନ୍ତି । ଏଥିସହ ୨୦୪୭ ସୁଦ୍ଧା ଭାରତକୁ ନୂତନ ଶିଖରରେ ପହଞ୍ଚାଇବାପାଇଁ ଆତ୍ମବିଶ୍ୱାସର ସହ ଅଗ୍ରସର ହେବାକୁ ପ୍ରତିରକ୍ଷା ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## ଜିତେନ୍ଦ୍ର ସିଂହ - ବାୟୋ ଇ୩

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଜୈବ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ପ୍ରାରମ୍ଭିକ ନିବେଶ ଏବଂ ନବସୃଜନ ଏହାକୁ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଅଗ୍ରଣୀ କରିବା ସହ ଭବିଷ୍ୟତରେ ଲାଭାନ୍ୱିତ

କରିବ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ସିଂହ କହିଛନ୍ତି, ସରକାରଙ୍କ Bio-E3 ନୀତି ଜୈବ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକୁ ଯୁବପିଢ଼ିଙ୍କ ମଧ୍ୟରେ ପସନ୍ଦଯୋଗ୍ୟ ବିଷୟ ଭାବେ ପରିଣତ କରିଛି । ଏହି କ୍ଷେତ୍ରରେ ପ୍ରଚୁର ଅଭିବୃଦ୍ଧିର ସମ୍ଭାବନା ରହିଛି ଓ ୨୦୩୦ ସୁଦ୍ଧା ଅର୍ଥନୀତିରେ ୩ ଶହ ବିଲିୟନ୍ ଡଲାର ଯୋଡ଼ିବାର ଆକଳନ କରାଯାଇଛି । ମନ୍ତ୍ରୀ ଆକ୍ସିଓମ୍-୪ ମିଶନ ସମୟରେ ଜୈବ ପ୍ରଯୁକ୍ତିବିଦ୍ୟା ଉପରେ ହୋଇଥିବା ପରୀକ୍ଷଣ ଏବଂ ତା'ର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଯୁବପିଢ଼ିଙ୍କପାଇଁ D.E.S.I.G.N. for Bio-E3 ଆହ୍ୱାନ ଏବଂ ପ୍ରଥମ ଜାତୀୟ ବାୟୋଫାଉଣ୍ଡ୍ରି ନେଟ୍‌ୱାର୍କର ଶୁଭାରମ୍ଭ କରିଥିଲେ । D.E.S.I.G.N. for Bio-E3 ଅନ୍ତର୍ଗତ ଅଂଶଗ୍ରହଣକାରୀମାନଙ୍କୁ ଏକ ନୂତନ ଜୈବିକ ପ୍ରଣାଳୀ ଯେପରିକି ଏକ ଜୀବାଣୁ, ଏକ ଏନ୍‌ଜାଇମ୍ କିମ୍ବା ପ୍ରୋଟିନ୍ ଡିଜାଇନ୍ କରିବାକୁ ପଡ଼ିବ, ଯାହା ବାସ୍ତବ ବୈଶ୍ୱିକ ସମସ୍ୟାକୁ ସମାଧାନ କରିବା ସହ ଜାତୀୟ ପ୍ରାଥମିକତାକୁ ପ୍ରଭାବିତ କରୁଥିବ । ଏହି ମୁକାବିଲା ଦୁଇଟି ବର୍ଗରେ ଉପଲବ୍ଧ ହେବ । ପ୍ରଥମ ବର୍ଗ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଏବଂ ଦ୍ୱିତୀୟ ବର୍ଗ ସମସ୍ତ ଭାରତୀୟ ନାଗରିକଙ୍କପାଇଁ ଉନ୍ମୁକ୍ତ ରହିବ । ଦ୍ୱିତୀୟ ବର୍ଗରେ ଶ୍ରେଷ୍ଠ ୧୦ ଜଣଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ । ଇତିମଧ୍ୟରେ ଜାତୀୟ ବାୟୋଫାଉଣ୍ଡ୍ରି ନେଟ୍‌ୱାର୍କ ଅଧୀନରେ ସ୍ୱଦେଶୀ ଜୈବିକ ଆବର୍ଜନ ଉତ୍ପାଦର ବିକାଶ ଏବଂ ଦକ୍ଷତା ବିକାଶକୁ ବୃଦ୍ଧି କରିବାପାଇଁ ୬ଟି ପ୍ରତିଷ୍ଠାନ ଉଦ୍‌ଘାଟିତ ହୋଇଛି ।

## ସିଂହ - ୟୁ.ଏସ୍. ଟାରିଫ୍

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କହିଛନ୍ତି, ଭାରତୀୟ ଅର୍ଥନୀତି ବହୁତ ମଜଭୁତ୍ ଏବଂ ଦେଶର ଶିଳ୍ପଗୁଡ଼ିକ ସଶକ୍ତ । ଆଜି ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମ ଅବସରରେ ଆମେରିକାଦ୍ୱାରା ଲାଗୁ କରାଯାଇଥିବା ୫୦ ପ୍ରତିଶତ ଶୁଳ୍କ ସଂକ୍ରାନ୍ତ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ଜାତୀୟ ସ୍ୱାର୍ଥର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର କାର୍ଯ୍ୟ କରିବେ ବୋଲି ଶ୍ରୀ ସିଂହ କହିଛନ୍ତି ।

## ପ୍ରେଜ୍ - ଲ୍ୟାଣ୍ଡସ୍ଲାଇଡ୍

ଶ୍ରୀମାତା ବୈଷ୍ଣୋଦେବୀ ମନ୍ଦିର ରାସ୍ତାରେ ଭୂସ୍ଖଳନଜନିତ ପ୍ରାଣହାନିପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ଅନେକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦ । ଏଥିସହ ସେ ପ୍ରଭାବିତଙ୍କୁ ଉଦ୍ଧାର ଓ ସୁଗମ ରିଲିଫ୍ ସହାୟତା ପ୍ରଦାନର କାମନା କରିଛନ୍ତି ।

## ଜେ.କେ. - ଏଲ୍.ଜି. ଭିଜିଟ୍

ଜମ୍ମୁ-କାଶ୍ମୀରରେ ମାତା ବୈଷ୍ଣୋଦେବୀ ଯାତ୍ରାପଥରେ ପ୍ରବଳ ବର୍ଷା ପରବର୍ତ୍ତୀ ଭୂସ୍ଖଳନରେ ପ୍ରାଣହାନି ପାଇଁ ଉପରାଜ୍ୟପାଳ ମନୋଜ ସିହ୍ନା ଗଭୀର ଶୋକ ପ୍ରକାଶ କରିବା ସହ ପୀଡ଼ିତ ପରିବାରବର୍ଗଙ୍କ ପାଇଁ ଅନୁକମ୍ପା ସହାୟତା ଘୋଷଣା କରିଛନ୍ତି । ପ୍ରତ୍ୟେକ ମୃତକଙ୍କ ନିକଟତମ ଆତ୍ମୀୟଙ୍କୁ ୫ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଉପରାଜ୍ୟପାଳ ସମବେଦନା ପ୍ରକାଶ କରିଛନ୍ତି ।

## ନର୍ଦର୍ଣ୍ଣ ରେଲ୍‌ୱେ - ଜମ୍ମୁ

ଜମ୍ମୁ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ରେଳବାଇ ପକ୍ଷରୁ ୪୫ଟି ଟ୍ରେନ୍‌କୁ ବାତିଲ୍ କରାଯାଇଥିବାବେଳେ ୨୫ଟି ଟ୍ରେନ୍‌କୁ ସାମୟିକ ବାତିଲ୍ କରାଯାଇଛି । ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମ ସହ କଥାବାର୍ତ୍ତାବେଳେ ଉତ୍ତର ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ କହିଛନ୍ତି, ଜମ୍ମୁ ତାୱି, ଶ୍ରୀମାତା ବୈଷ୍ଣୋଦେବୀ କଟ୍‌ରା, ପଠାନ୍‌କୋଟ୍ ଏବଂ ନୂଆଦିଲ୍ଲୀ ରେଳଷ୍ଟେସନ୍‌ରେ ହେଲ୍‌ପ ଡେସ୍କ ପ୍ରତିଷ୍ଠା କରାଯାଇଛି । ଜମ୍ମୁପାଇଁ ହେଲ୍‌ପ ଲାଇନ୍ ନମ୍ବର

୭୮୮୮୩୯୯୧୧ ଏବଂ ଦିଲ୍ଲୀପାଇଁ ୯୭୧୭୬୩୮୭୭୫୧ ଜାରି କରାଯାଇଛି ।

## ଇଣ୍ଡିଆ ଆଫ୍ରିକା ବିଜିନେସ୍ କନ୍‌କ୍ଲେଭ୍

ଜିମ୍ବାୱେ ଉପରାଷ୍ଟ୍ରପତି ଡକ୍ଟର ସି.ଜି.ଡି.ଏନ୍. ଚିୱେଙ୍ଗା କହିଛନ୍ତି ଆଫ୍ରିକା ଏବଂ ଭାରତ' ମହାନ୍ ଐତିହାସିକ ସମ୍ପର୍କ ବହନ କରିବା ସହ ପ୍ରଯୁକ୍ତିବିଦ୍ୟା, ନବସୃଜନ, ବିବିଧତା ଏବଂ ଭିତ୍ତିଭୂମି ବିକାଶ ଉପରେ ସହଭାଗିତା ନେଇ ଧ୍ୟାନ କେନ୍ଦ୍ରିତ କରୁଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏବଂ ଭାରତୀୟ ଶିଳ୍ପ ମହାସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଭାରତ-ଆଫ୍ରିକା ବ୍ୟବସାୟ ସମ୍ମିଳନୀ-୨୦୨୫କୁ ଆଜି ସମ୍ବୋଧିତ କରି ଜିମ୍ବାୱେ ବ୍ୟବସାୟ ପାଇଁ ଉନ୍ମୁକ୍ତ ରହିଛି ବୋଲି ଡକ୍ଟର ଚିୱେଙ୍ଗା କହିବା ସହ ଭାରତ ଏବଂ ଆଫ୍ରିକା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆର୍ଥିକ ଓ ସାମାଜିକ ଉନ୍ନତି ଉପରେ ଧ୍ୟାନ ଦେଇ ଦୀର୍ଘକାଳୀନ ସହଭାଗିତା ସୃଷ୍ଟି କରିବା ଉପରେ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଯୋଗଦେଇ ଭାରତ-ଆଫ୍ରିକା ସହଯୋଗ, ଦକ୍ଷତା ବିକାଶ ଏବଂ ଉଭୟ

ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଛନ୍ତି ।

## ଗ୍ଲୋବାଲ୍ ସ୍ପିରିଚୁଆଲ୍ କନ୍‌କ୍ଲେଭ୍

କେନ୍ଦ୍ର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଆଜି ମଧ୍ୟପ୍ରଦେଶର ଉଜ୍ଜୈନୀରେ ବିଶ୍ୱ ଆଧ୍ୟାତ୍ମିକ ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି । ଆଧ୍ୟାତ୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା, ସଂସ୍କୃତି ଓ ଐତିହ୍ୟକୁ ବୃଦ୍ଧି କରିବା ଓ ଦାୟିତ୍ୱପୂର୍ଣ୍ଣ ଆତିଥ୍ୟ ଉପରେ ଗଭୀର ଆଲୋଚନାପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ । ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ନୂତନ ଦିଗ୍‌ଦର୍ଶନ ଦେବାପାଇଁ ପର୍ଯ୍ୟଟନ ମନ୍ତ୍ରଣାଳୟ ସହିତ ମିଳିତ ଭାବେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି ।

## ରୁଷ୍ - ୟୁକ୍ରେନ୍ ଆଟାକ୍

ରୁଷ୍ ଗତକାଲି ୬ଟି ୟୁକ୍ରେନୀୟ ଅଞ୍ଚଳରେ ଅବସ୍ଥିତ ଶକ୍ତି ଏବଂ ଗ୍ୟାସ୍ ପରିବହନ ଭିତ୍ତିଭୂମି ଉପରେ ବଡ଼ ଡ୍ରୋନ୍ ଆକ୍ରମଣ କରିଛି । ଗଣମାଧ୍ୟମ

ତଥ୍ୟ ଅନୁସାରେ ରୁଷ୍ ସୈନ୍ୟମାନେ ପୋଲ୍‌ଟାଭା ଅଞ୍ଚଳରେ ଗ୍ୟାସ୍ ପରିବହନ ଭିତ୍ତିଭୂମିକୁ ଆକ୍ରମଣ କରି କ୍ଷତିଗ୍ରସ୍ତ କରିବା ସହ ସୁମି ଅଞ୍ଚଳର ଏକ ପ୍ରମୁଖ ସବ୍‌ଷ୍ଟେସନ୍‌ରେ ଉପକରଣଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନେସ୍କି କହିଛନ୍ତି, ଏହି ଆକ୍ରମଣ ଯୋଗୁଁ ପୋଲ୍‌ଟାଭା, ସୁମି ଏବଂ ଚେର୍ଣ୍ଣିହିଭ୍ ଅଞ୍ଚଳରେ ଏକ ଲକ୍ଷରୁ ଅଧିକ ଲୋକ ଅନ୍ଧକାର ମଧ୍ୟରେ ରହିଛନ୍ତି । ୟୁକ୍ରେନ୍‌ର ଖାର୍‌କିଭ୍ ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଥିବା ସେଠାକାର ଶକ୍ତି ମନ୍ତ୍ରଣାଳୟ କହିଛି । ଗତ କିଛି ସପ୍ତାହରେ ୟୁକ୍ରେନ୍‌ରେ ସଂଘର୍ଷ ଶେଷ କରିବାପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କ ପ୍ରୟାସ ସତ୍ତ୍ୱେ ରୁଷ୍ ପକ୍ଷରୁ ୟୁକ୍ରେନ୍‌ର ଗ୍ୟାସ୍ ଉତ୍ପାଦନ ଏବଂ ଆମଦାନୀ ଭିତ୍ତିଭୂମି ଉପରେ ଆକ୍ରମଣ ବୃଦ୍ଧି କରାଯାଇଛି ।

## ଆଇ.ଏମ୍.ଡି. - ୱେଦର୍

ଭାରତୀୟ ପାଣିପାଗ ବିଭାଗ ଆସନ୍ତାକାଲି ପର୍ଯ୍ୟନ୍ତ ଓଡ଼ିଶା ସମେତ ଛତିଶଗଡ଼, ଉପକୂଳ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମଧ୍ୟ ମହାରାଷ୍ଟ୍ର, କେରଳ ଏବଂ ଉପକୂଳ କର୍ଣ୍ଣାଟକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି । ଆସନ୍ତା ଛଅରୁ ସାତ ଦିନ ମଧ୍ୟରେ ଉତ୍ତର-ପଶ୍ଚିମ ଭାରତରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିବାର ସମ୍ଭାବନା ରହିଛି ।

ଆକାଶବାଣୀ ସମ୍ବାଦ ବିଭାଗ ସହ କଥାବାର୍ତ୍ତା ସମୟରେ ଆଇ.ଏମ୍.ଡି. ବରିଷ୍ଠ ବୈଜ୍ଞାନିକ ଆର୍.କେ. ଜେନାମଣି କହିଛନ୍ତି, ଗତ ୨୪ ଘଣ୍ଟା ମଧ୍ୟରେ ଜମ୍ମୁର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ଼ କରାଯାଇଛି, ଯାହା ୭୦ ବର୍ଷର ରେକର୍ଡ଼ ଭାଙ୍ଗିଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରବଳ ବର୍ଷା ସମ୍ଭାବନା ନେଇ ଆଜିପାଇଁ ଜମ୍ମୁ ଓ କାଶ୍ମୀର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****